# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଗଞ୍ଜାମ

ପତ୍ରସଂଖ୍ୟା:- ୨୨୧ ।

ତା:- 28.07.25

## ବିଜ୍ଞାପନ

ଏତଦ୍ ଦ୍ୱାରା ଗଞ୍ଜାମ ପ୍ରକଳ୍ପ ଅଧିନର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ(ପତ୍ର ସଂଖ୍ୟା ୪୯୭୦ ତା ୧୫.୦୩.୨୦୨୩ ରିଖ) ନିର୍ଦ୍ଦେଶନାମା ମୁତାବକ ପଣଶହିହ ଅଙ୍ଗନୱାଡି କେନ୍ଦ୍ର ରେ ଖାଲି ପଡିଥିବା ଅଙ୍ଗନୱାଡି ସାହାଯ୍ୟ କାରିଣୀ ନିଯୋଜନ ନିମନ୍ତେ ଅନଲାଇନ ମାଧ୍ୟମ ରେ ବିଜ୍ଞାପନ ଜାରି କରାଯାଉ ଅଛି । ନିମ୍ନ ଲିଖିତ ଯୋଗ୍ୟତା ସମ୍ପର୍ଣ୍ଣ ଇଚ୍ଛୁକ ପ୍ରାର୍ଥିନୀ ମାନେ ଖାଲିଥିବା ଅଙ୍ଗନୱାଡି ସାହାଯ୍ୟ କାରିଣୀ ପଦବୀ ପାଇଁ କେବଳ ଅନଲାଇନ (Online) ମାଧ୍ୟମରେ ଆବେଦନ କରିପାରିବେ। ଆଗ୍ରହୀ ପ୍ରାର୍ଥିନୀମାନେ http://engagement-awc.odisha.gov.in/landingwebsite ର public user/public login ମାଧ୍ୟମରେ ହିଁ ଆବେଦନ କରିପାରିବେ । ଏହା ବ୍ୟତୀତ Offline ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ବିଜ୍ଞାପନ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ ଅର୍ଥାତ୍ ତା- ୨୯ -୦୭ -୨୦୨୫ ଠାରୁ ତା- ୧୨-୦୮-୨୦୨୫ ରିଖ ସୁଦ୍ଧା ଆବେଦନ କରିପାରିବେ । ଏହି ନିଯୋଜନ ସମ୍ପୁର୍ଣଭାବେ ଅସ୍ଥାୟୀ ଅଟେ ଏବଂ ଏହି ନିଯୋଜନରେ ORV Act ପ୍ରଯୋଜ୍ୟ ନୁହେଁ । ଭବିଷ୍ୟତରେ କୌଣସି ସାହାଯ୍ୟ କାରିଣୀ ଙ୍କ କାର୍ଯ୍ୟ ସନ୍ତୋଷଜନକ ନହେଲେ ତାଙ୍କୁ ଓଡିଶା ସରକାରଙ୍କ ନିୟମ ମୁତାବକ କାର୍ଯ୍ୟରୁ ଅନ୍ତର କରାଯିବ । ଅନଲାଇନ ମାଧ୍ୟମରେ ପ୍ରାପ୍ତ ହୋଇଥିବା ସମସ୍ତ ଦରଖାସ୍ତ ତା- ୧୩-୦୮-୨୦୨୫ ରିଖ ଦିବା ଘ୧୧.୦୦ ଠାରୁ ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ ଯାଞ୍ଚ କରାଯିବ । ସେହି ଯାଞ୍ଚ ସମୟରେ ସମ୍ପୃକ୍ତ ପ୍ରାର୍ଥିନୀ ସମସ୍ତ କାଗଜାତର ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ।

ମୂଳ ପ୍ରମାଣପତ୍ର ଯାଞ୍ଚ ପରେ ଆବେଦନ କରିଥିବା ପ୍ରାର୍ଥିନୀ ମାନଙ୍କର ତାଲିକା ପ୍ରକାଶ କରାଯିବ ଏବଂ ପ୍ରାର୍ଥିନୀଙ୍କର ସ୍ଥାୟୀ ବାସିନ୍ଦା, ଶିକ୍ଷାଗତ ଯୋଗ୍ୟତା, ଜାତି ଏବଂ ଅନ୍ୟାନ୍ୟ ଯୋଗ୍ୟତା ସମ୍ବନ୍ଧରେ ଯଦି କୌଣସି ବ୍ୟକ୍ତି/ ଗୋଷ୍ଠୀ ର ଅଭିଯୋଗ ଥାଏ ସେମାନେ ୦୭ ଦିନ ମଧ୍ୟ ରେ ଅନଲାଇନ ମାଧ୍ୟମ ରେ ଅଭିଯୋଗ ଦାଖଲ କରିବେ ।

| କେନ୍ଦ୍ର ର ନାମ | ସେକ୍ଟର ନାମ | ସର୍ଭେ ଏରିଆ |
|---|---|---|
| ପଣଶହିହ | ପାଲୁରୁ | ପ୍ରଥମ ଘର ମୁଖ୍ୟଙ୍କ ନାମ- K. ରଘୁ ନାଥ ପାତ୍ର (୦୦୧)<br>ଶେଷ ଘରର ମୁଖ୍ୟଙ୍କ ନାମ- S. ଭଗବେଣ ପାତ୍ର (୧୩୭) |

ଆବେଦନକାରୀ ଆବେଦନ କରିବା ସମୟରେ ନିମ୍ନଲିଖିତ ଯୋଗ୍ୟତା ସମ୍ପୂର୍ଣ୍ଣହୋଇଥିବା ଆବଶ୍ୟକ ଓ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ମାର୍କ ଲିଷ୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ପତ୍ରର ଅବିକଳ ନକଲ Online ମାଧ୍ୟମରେ Upload କରାଯିବା ନିହାତି ଆବଶ୍ୟକ।

**<u>ଅଙ୍ଗନୱାଡି ସାହାଯ୍ୟକାରିଣୀ ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟତା ।</u>**

1. ସେବା କାର୍ଯ୍ୟରେ ଅଗ୍ରହୀ ଥିବା ଯେ କୌଣସି ବର୍ଗର ମହିଳା ମାନେ ଆବେଦନ କରିପାରିବେ ।
2. ଆବେଦନ କାରୀ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳ ଅଧିନର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
3. ଆବେଦନକାରୀଙ୍କ ବୟସ ତା ୦୧.୦୧.୨୦୨୫ ରିଖ ସୁଦ୍ଧା ସର୍ବନିମ୍ନ ୧୮ ବର୍ଷ ଓ ସର୍ବାଧିକ ୩୫ ବର୍ଷ ହୋଇଥିବ ଆବଶ୍ୟକ ।
4. ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ (Minimum)ଯୁକ୍ତ ଦୁଇ ପାସ ଅଥବା ତତୁଲ୍ୟ ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ଆବଶ୍ୟକ। ପ୍ରାର୍ଥିନୀଙ୍କରଯଦି ହିନ୍ଦୀ କିମ୍ବା ଅନ୍ୟାନ୍ୟ ଭାଷା ମାଧ୍ୟମ(medium)ରେ ଶିକ୍ଷାଗତ ଯୋଗ୍ୟତା ଥାଏ, ତେବେ ସେ ସପ୍ତମ ଶ୍ରେଣୀର MIL (Odia)ଏକ ବିଷୟ ଥାଇ ପାସ କରଥିବାର ପ୍ରମାଣ ପତ୍ର ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ଏକ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

<u>ଦରଖାସ୍ତ ସହ ଆବଶ୍ୟକୀୟ କାଗଜାତ:</u>

1. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ।
2. +୨ ସାର୍ଟିଫିକେଟର ନକଲ ।
3. +୨ ମାର୍କ ସିଟ୍ ର ନକଲ ।
4. ଯଦି ଉଚ୍ଚତର ଶିକ୍ଷ୍ୟା ଥାଏ ତେବେ ତାହାର ପ୍ରମାଣ ପତ୍ରର ନକଲ ।
5. ଯଦି ଦରଖାସ୍ତକରୀ ସଂରକ୍ଷିତ ବର୍ଗର ଅଟନ୍ତି ତେବେ ଜାତିଗତ ପ୍ରମାଣ ପତ୍ର ନକଲ ଦେବେ ।
6. ଯଦି ଦରଖାସ୍ତକାରୀ ଭିନ୍ନକ୍ଷମ ବର୍ଗର ଅଟନ୍ତି ତେବେ ତାହାର ପ୍ରମାଣ ପତ୍ର ନକଲ ଦେବେ ।
7. ଯଦି ଦରଖାସ୍ତକାରୀ ସ୍ୱାମୀ ପରିତ୍ୟକ୍ତା କିମ୍ବା ବିଧବା ହୋଇଥିବେ ପ୍ରମାଣ ପତ୍ର/ ଅଦାଲତ ଆଦେଶନାମାର ନକଲ ଦାଖଲ କରିବେ ।
8. ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ଓଡିଶା ସରକାରଙ୍କ ଅଙ୍ଗନୱାଡି କର୍ମୀ ଚୟନ ପ୍ରକ୍ରିୟାର ମାର୍ଗଦର୍ଶିକା ଅନୁଯାୟୀ କରାଯିବ ।

**<u>Onlineରେ Upload କରାଯିବା ନିମନ୍ତେ ଆବଶ୍ୟକୀୟ କାଗଜାତ/ ପ୍ରମାଣପତ୍ର:</u>**

୧. ସ୍ଥାୟୀବାସିନ୍ଦା ପ୍ରମାଣ ପତ୍ର (Residential Certificate) ।
୨. ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ନକଲ ।
୩. ଦ୍ୱାଦଶ (+୨) ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ନକଲ ।
୪. ଦ୍ୱାଦଶ(+୨) ଶ୍ରେଣୀ ମାର୍କ ସିଟ ର ନକଲ ।
୫. ଯଦି ଉଚ୍ଚତର ଶିକ୍ଷା ଥାଏ ତାହାର ପ୍ରମାଣ ପତ୍ର ନକଲ ।
୬. ଯଦି ଦରଖାସ୍ତକାରୀ ସଂରକ୍ଷିତ ବର୍ଗର ଅଟନ୍ତି ତେବେ ଜାତିଗତ ପ୍ରମାଣ ପତ୍ରର ନକଲ ।
୭. ଯଦି ଦରଖାସ୍ତକାରୀ ଭିନ୍ନକ୍ଷମ ବର୍ଗର ଅଟନ୍ତି ତେବେ ପ୍ରମାଣ ପତ୍ର ର ନକଲ ।
୮. ଯଦି ଦରଖାସ୍ତକାରୀ ଅନାଥ/ ବିଧବା/ ଅସହାୟ/ ପରିତ୍ୟକ୍ତା ହୋଇଥିବେ ତେବେ ସମ୍ପୃକ୍ତ କର୍ତ୍ତୃପକ୍ଷ/ ଅନୁଷ୍ଠାନଙ୍କ ଠାରୁ ଆବଶ୍ୟକୀୟ ପ୍ରମାଣ ପତ୍ରର ନକଲ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଗଞ୍ଜାମ

ପରିପତ୍ର ସଂଖ୍ୟା:- 922 ତା:- 28.07.25

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ଗ୍ରାମର କୋଠୋଘର/ଅ: କେନ୍ଦ୍ର ନୋଟିସ ବୋର୍ଡ /ଗ୍ରାମର ମୁଖ୍ୟ ସ୍ଥାନ/ ସର୍ବସାଧାରଣ ତଥା ମହିଳା ମାନଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ଲଟକା ଜାରି କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ଗଞ୍ଜାମ

ପରିପତ୍ର ସଂଖ୍ୟା:- 923 ତା:- 28.07.25

ଏହାର ଏକକିତା ନକଲ ସଂପୃକ୍ତ ଅଞ୍ଚଳ ପରିଦର୍ଶିକା/ଅ:କର୍ମୀ/ ମହିଳା ସ୍ୱାସ୍ଥ୍ୟ କର୍ମୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ଗଞ୍ଜାମ

ପରିପତ୍ର ସଂଖ୍ୟା:- 924 ତା:- 28.07.25

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକରୀ ଗଞ୍ଜାମ୍ , ଛତ୍ରପୁର/ଉପଜିଲ୍ଲାପାଳ, ଛତ୍ରପୁର୍ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ଗଞ୍ଜାମ

ପରିପତ୍ର ସଂଖ୍ୟା:- 925 ତା:- 28.07.25

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକରୀ,ଗଞ୍ଜାମ/ଗୋଷ୍ଠୀ ମଣ୍ଡଳ ଶିକ୍ଷା ଅଧିକାରି/ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା, ଏବଂ ସର୍ବସାଧାରଣ ତଥା ମହିଳା ମାନଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ନୋଟିସ ବୋର୍ଡ ରେ ଲଟକା ଜାରି କରିବା ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ଗଞ୍ଜାମ

ପରିପତ୍ର ସଂଖ୍ୟା:- 926 ତା:- 28.07.25

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମର ସରପଞ୍ଚ/ୱାର୍ଡ ମେମ୍ବର୍ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ଗଞ୍ଜାମ

ପରିପତ୍ର ସଂଖ୍ୟା:- 927 ତା:- 28.07.25

ଏହାର ଏକକିତା ନକଲ ଚୟନ କମିଟି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ଗଞ୍ଜାମ